# ପିଲାଙ୍କ ଧରିତ୍ରୀ

ଶନିବାର, ୧୫ ସେପ୍ଟେମ୍ବର, ୨୦୧୮




୬ କବିତା




୩

ଲକ୍ଷ୍ମୀଧର ନୋଡାଲ
ବିଦ୍ୟାପୀଠ, ହରିପୁର ଶାସନ,
ଚିଲିକା, ଖୋର୍ଦ୍ଧା

ଆଇନା ୮





ଜଣା -ଅଜଣା ୭



୨ ଗପ



## ଖିଲିଖିଲି ହସ

✲ ଦିନେ ମଙ୍ଗୁର ରେଡିଓ ଖରାପ୍ ହୋଇଗଲା। ସେ ରେଡିଓ ଖୋଲି ଦେଖିଲା ବେଳକୁ ତା'ଭିତରେ ମୂଷାଟିଏ ମରି ପଡିଛି ।
ବ୍ୟସ୍ତ ହୋଇ ମଙ୍ଗୁ କହିଲା–ଏବେ କ'ଣ ହେବ ଯେ? ସିଙ୍ଗରଟା ତ ମରିଗଲା, ଏବେ ଗୀତ ଗାଇବ କିଏ ଆଉ ରେଡିଓ ବାଜିବ କେମିତି ?

✲ ରାମୁ ଇଣ୍ଟରଭ୍ୟୁ ଦେବା ପାଇଁ ଏକ ବଡ କମ୍ପାନୀକୁ ଗଲା। ସେଠାରେ ବସ୍ କହିଲେ– ଆପଣ ସିଲେକ୍ଟ ହୋଇଗଲେ, ଆପଣ ପ୍ରଥମ ବର୍ଷ ଦରମା ଆକାରରେ ୫ ଲକ୍ଷ ଟଙ୍କା ପାଇବେ ଏବଂ ଦ୍ୱିତୀୟବର୍ଷ ଆପଣଙ୍କୁ ୧୦ଲକ୍ଷ ଟଙ୍କା ଦିଆଯିବ।
ଏହା ଶୁଣିଲା ପରେ ରାମୁ ଯିବାକୁ ବାହାରିଲା। ଏହା ଦେଖି ବସ୍ ପଚାରିଲେ, ତମେ ଏବେ ଜଏନ୍ କରିବନି ?
ରାମୁ–ସାର୍, ମୁଁ ଏକା ସଙ୍ଗେ ଆରବର୍ଷ ଜଏନ୍ କରିବି।

✲ ଶିକ୍ଷକ କ୍ଲାସରେ ପଢ଼ାଉଥିବା ସମୟରେ କହିଲେ–ପିଲାମାନେ, କହିଲ ବାବର ଭାରତକୁ କେବେ ଆସିଥିଲେ ?
ରାଜୁ–ଜାଣିନି ସାର୍ ! ମୁଁ ତ ସେତେବେଳକୁ ଜନ୍ମ ହୋଇ ନ ଥିଲି। ଜାଣିବି କେମିତି ?

## ଗପ

# ଗଲାପୁତ୍ର ବାହୁଡ଼ି ନଇଲା

ଶ୍ରୀନିବାସ ପାଣି



ଏକଦା ଜଣେ ଖାଉନ୍ଦର ଖୁଆଡ଼ରେ ଛ'ଟି ଗଧ ଥିଲେ। ସେମାନଙ୍କ ମଧ୍ୟରୁ ଦୁଇଟି ଛୁଆ ଗଧ। ଅନ୍ୟ ଚାରିଗୋଟି ଭାର ବୋହିବାକ୍ଷମ ଅଟନ୍ତି। ମାଲିକ ଜଣେ ବଣିକ ହୋଇଥିବାରୁ ସେ ଦୂରସ୍ଥାନକୁ ସେମାନଙ୍କ ପିଠିରେ ମାଲପତ୍ର ଲଦି ନେବାଆଣିବା କରେ। ଛୁଆ ଯୋଡ଼ିକ ଭିତରେ ଗୋଟିଏ ଅମାନିଆ ଓ ଏକଜିଦିଆ ଟୋକା ଗଧ ଥାଏ। ତାକୁ କୌଣସି କଥାରେ ଯେତେ ଆକଟ କଲେ ମଧ୍ୟ ସେ କାହାର କଥା ଆଦୌ ଶୁଣେ ନାହିଁ। ନାଆଁଟି ତା'ର ଅବୋଲକରା।

ଦିନକର ଘଟଣା। ଅବୋଲକରା ଏ ସ୍ଥାନ ଛାଡ଼ି ଅନ୍ୟତ୍ର ଚାଲିଯିବା ପାଇଁ ସମସ୍ତଙ୍କୁ କହିଲା। ଆଉ ଅନ୍ୟମାନେ ତା' କଥାର ମାନେ କିଛି ବୁଝି ନ ପାରି ତାକୁ ନ ରହିବାର କାରଣ କ'ଣ ପଚାରିଥିଲେ। ସେ ହଠାତ୍ ବିରକ୍ତି ପ୍ରକାଶ କରି କହିଲା, ''ତୁମେମାନେ କ'ଣ କିଛି ଜାଣି ପାରୁନାହଁ। ଏଠାରେ ମାଲିକ ଆମ ସମସ୍ତଙ୍କୁ ତା' ନିଜ କାମରେ ଅତ୍ୟଧିକ ଖଟାଉଛି। ଅଥଚ ସେହି ତୁଳନାରେ ଖାଇବାକୁ ଯଥେଷ୍ଟ ଖାଦ୍ୟ ଦେଉନାହିଁ। ପ୍ରତିଦିନ ସେ ଯେଉଁ ଦାନା, କୁଣ୍ଡା, ଚୋକଡ଼ ଦେଉଛି, ସେଗୁଡ଼ାକ କ'ଣ କୌଣସି ଜୀବଙ୍କ ପାଟିକୁ ରୁଚିବ ? ଛିଃ ଛିଃ ଛିଃ। ତାହା ଖାଇବା କଥା ତେଣେ ଥାଉ, ଗନ୍ଧରେ ନାକ ଫାଟି ପଡୁଛି। ସବୁଜ କଅଁଳ ଘାସ ବଦଳରେ ଆମ ଆଗରେ ପ୍ରତିଦିନ କେବଳ ଶୁଖିଲା ଖଣ୍ଡିକୁଟା ମୋଞ୍ଚାଏ ଛିଞ୍ଚି ଦେଉଛି। ଖାଇଲେ ଖାଅ ନ ହେଲେ ନାଇଁ। କିନ୍ତୁ ଦିନରାତି ଖଟଣିରେ ଟିକିଏ ହେଲେ ବି ବିଶ୍ରାମ ନାହିଁ। ତେଣୁ ମୁଁ ଏ ସ୍ଥାନରେ ରହିବି ନାହିଁ।

ସେ ଏ ଜାଗା ଛାଡ଼ି ଚାଲିଯିବା ପାଇଁ ପାଦ ଉଠାଇବା ସମୟରେ ତା' ମାଆ ତାକୁ ଡାକି ପଚାରିଲା– ''କିରେ ବାପଧନ, ତୁ ମୋତେ ଛାଡ଼ି କେଉଁଆଡ଼େ ଯିବୁ ? ତୋତେ ଦଣ୍ଡେ ନ ଦେଖିଲେ ମୁଁ କ'ଣ ଜୀବନ ଧରି ରହିପାରିବି ?'' ମାଆ ତୁଣ୍ଡରୁ କଥା ନ ସରୁଣୁ ଅବୋଲକରା କହିଲା– '' ନା ମାଆ, ମୁଁ ବର୍ତ୍ତମାନ ଏ ସ୍ଥାନ ଛାଡ଼ି ନିଶ୍ଚୟ ଯିବି। ଆଉ କ୍ଷଣେ ମାତ୍ର ଏଠାରେ ରହିପାରିବି ନାହିଁ। ତୁ ମୋତେ ଦେଖ ମାଆ, ମୁଁ ନ ଖାଇ ନ ପିଇ କେମିତି ଦୁର୍ବଳ ହୋଇଗଲିଣି। ଏହା କହି ସେ ଖୁବ୍ ଜୋର୍‌ରେ ଦୌଡ଼ି ଚାଲିଗଲା। ମାଆ ପଛରୁ ଡାକି ଯେତେ କହିଲେ ମଧ୍ୟ ସେ କିଛି ସମୟ ପରେ ତା' ନଜରରୁ ଅଦୃଶ୍ୟ ହୋଇଗଲା। ସେ ଦିନ ଝାମୁଯାତ୍ରା ଦେଖିବା ପାଇଁ ପଞ୍ଝାଏ ପିଲା ରାସ୍ତାରେ ହସଖୁସି ହୋଇ ଯାଉଥା'ନ୍ତି। ସେମାନଙ୍କ ପଛେ ପଛେ ଅବୋଲକରା ଚାଲିଥାଏ। ଯାତ୍ରା ପଡ଼ିଆରେ ପହଞ୍ଚିବା ପରେ ପିଲାଏ କିଛି କିଛି ମନପସନ୍ଦର ଜିନିଷ କିଣୁଥା'ନ୍ତି। ଜଳଖିଆପତ୍ର ଖାଇ ଆନନ୍ଦ ଉପଭୋଗ କରୁଥା'ନ୍ତି। ସେହି ସମୟରେ ଅବୋଲକରା ମନଦୁଃଖରେ ସେମାନଙ୍କ ପାଖରେ ଠିଆ ହୋଇଥାଏ। ଖରାଦିନ ଯୋଗୁ ଚାରିଆଡ଼େ ଘାସ ଶୁଖିଯାଇଛି। ଭୋକଶୋଷରେ ତା'ର ପେଟ ଜଳୁଥାଏ। ପୁଣି ଏତିକିବେଳେ ତା'ର ମାଆ କଥା ମନେ ପଡ଼ିଯାଉଥାଏ।

ଏହି ସମୟରେ ଗୋଟିଏ ଦୁଷ୍ଟପିଲା ନିଜ ପାଖରେ କିଣି ରଖିଥିବା ନେଳି ଚଷମାଟି ମଜା ଉଠାଇବା ପାଇଁ ଅବୋଲକରା ଆଖିରେ ପିନ୍ଧାଇଦେଲା। ତା'ପରେ ଗଧ ଛୁଆଟି ଚାରିଆଡ଼କୁ ଚାହିଁଲା। ବାଃ କି କଅଁଳ ସବୁଜ ଘାସ। ତାହା ଖାଇବା ପାଇଁ ତା'ର ଭାରି ଲୋଭ ହେଲା। ତହୁଁ ସେ ମନ ଆନନ୍ଦରେ ଘାସ ଚରିବା ପାଇଁ ନାକ ସଳଖ ଡିଆଁ ମାରି ଦୌଡ଼ିଲା। ନେଳି ଚଷମା ଯୋଗୁ ତାକୁ ଚାରିଦିଗରେ ସବୁଜ ଘାସ ଥିବା ପରି ଜଣାପଡୁଥିଲା। ଆଗରେ ଏକ ନଈ ପଡ଼ିଲା। ତା'ର ଜଳରାଶି ମଧ୍ୟ ସବୁଜ ଦେଖାଯାଉଥିଲା। ସେ ତାହାକୁ ଘାସ ଭାବି ଆନନ୍ଦରେ ଧାଇଁ ଯାଉ ଯାଉ ପ୍ରଖର ଜଳସ୍ରୋତରେ ଭାସିଗଲା। ଆଉ ସେତେବେଳେ ତା'ର ମାଆ କଥା ମନେ ପଡ଼ି ଆଖିରୁ ଲୁହ ବହୁଥାଏ।

–କନ୍ତକାଇ, କଳାପଥର, କଟକ
ମୋ: ୯୭୭୭୮୨୬୨୫୫

## ମତାମତ

⊗ଏଥର ପିଲାଙ୍କ ଧରିତ୍ରୀ ପ୍ରଚ୍ଛଦଟି ସମ୍ପୂର୍ଣ୍ଣ ଗଣେଶଙ୍କ ସମ୍ପର୍କିତ ହୋଇଥିବାରୁ ଭଲ ଲାଗୁଥିଲା। ତୁମ ତୂଳୀରୁ ପୃଷ୍ଠାରେ ସ୍ଥାନ ପାଇଥିବା ଗଣପତିଙ୍କ ସମସ୍ତ ଚିତ୍ର ଖୁବ୍ ସୁନ୍ଦର ଲାଗୁଥିଲା।

**– ମୃଣ୍ମୟୀ ସ୍ୱାଇଁ, ସାକ୍ଷୀଗୋପାଳ, ପୁରୀ**

⊗ଖିଲିଖିଲି ହସ ସ୍ତମ୍ଭରେ ପ୍ରକାଶିତ ମୂଷା ଓ ଗାଡି କଥା ପଢି ଖୁବ୍ ହସିଲି।

**– ପରିଣିତା ବେହେରା, ଭାପୁର, ନୟାଗଡ଼**

⊗ଗପ ସ୍ତମ୍ଭରେ ପ୍ରକାଶ ପାଇଥିବା ମାମୁନିର ଗଣେଶ ପୂଜା ବେଶ୍ ଶିକ୍ଷଣୀୟ ହୋଇଥିଲା।

**– ହର୍ଷବର୍ଦ୍ଧନ ସିଂ, ରିଷିଡା, କଳାହାଣ୍ଡି**

⊗କହିଲ ଦେଖି ଉତ୍ତର ଦେବାକୁ ମଜା ଲାଗୁଛି।

**– ବଂଶିକା ମହାନ୍ତି, ଡୁମୁଡୁମା, ଭୁବନେଶ୍ୱର**

⊗ନୂଆଁଖାଇ ଓ ଗଣେଶ ପୂଜା ସମ୍ପର୍କିତ କବିତା ମନଛୁଆଁ ହୋଇଥିଲା।


**– ପ୍ରତାପ ଦେହୁରୀ, ବେଗୁନିଆ, ଖୋର୍ଦ୍ଧା**

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର,ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com

## ବିନ୍ଦୁ ଯୋଡ



ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by
Sri Tathagata Satpathy on behalf of
Navajat Printers & Media Pvt. Ltd.
and printed at Navajat Printers,
B-15, Rasulgarh Industrial Estate,
Bhubaneswar-10, Ph.:2549302,
Fax : 2549795

## ଚଗଲା ଭୀମୁ











ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ହରିପୁର ଗ୍ରାମପଞ୍ଚାୟତର ହରିପୁର ଶାସନଠାରେ ସମାଜସେବୀ ଲକ୍ଷ୍ମୀଧର ପଟ୍ଟନାୟକଙ୍କ ନାମରେ ତା.୨୭।୧୯୮୨ରେ ଲକ୍ଷ୍ମୀଧର ବିଦ୍ୟାପୀଠ ନାମରେ ଏହା ପ୍ରତିଷ୍ଠା ହୋଇଥିଲା। ପରେ ଏହି ସ୍କୁଲ ଲକ୍ଷ୍ମୀଧର ନୋଡାଲ ବିଦ୍ୟାପୀଠ ଭାବେ ପରିଚିତ ହେଲା। ଅଭିଜ୍ଞ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ଦ୍ୱାରା ଏହି ସ୍କୁଲ ପରିଚାଳିତ ହେଉଛି। ଏଠାରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନର ବ୍ୟବସ୍ଥା ରହିଛି। ସରକାରୀ ନିୟମ ଅନୁସାରେ ପାଠପଢ଼ା ବ୍ୟତୀତ ଖେଳକୁଦ, ସ୍କାଉଟ୍ ଗାଇଡ୍, ଇକୋକ୍ଲବ, ପାଠାଗାର, କମ୍ପ୍ୟୁଟର ଶିକ୍ଷା, ବାର୍ଷିକ କ୍ରୀଡା ଓ ପୁରସ୍କାର ବିତରଣ ଉତ୍ସବରେ ଛାତ୍ରୀଛାତ୍ରମାନେ ଭାଗ ନେଇଥାନ୍ତି। ବିଭିନ୍ନ ସମୟରେ ଜନ ସଚେତନତା ତଥା ଶିକ୍ଷଣୀୟ କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ। ଏପରି କି ଯୋଗ ଶିକ୍ଷାର ବ୍ୟବସ୍ଥା ରହିଛି। ଉତ୍ତମ ଶିକ୍ଷାଦାନ ସହିତ ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶ, ଅନୁଶାସନ, ଶୃଙ୍ଖଳା ଓ ଚରିତ୍ରଗଠନ ପ୍ରତି ଅଧିକ ଗୁରୁତ୍ୱ ଦିଆଯାଉଛି। ଏହି ସ୍କୁଲ୍ର ଅନେକ ପୁରାତନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୈଜ୍ଞାନିକ ଜ୍ଞାନରଞ୍ଜନ ପଟ୍ଟନାୟକ, ପ୍ରଫେସର ଅଟଳ ବିହାରୀ ହରିଚନ୍ଦନ, ଇଂ ପ୍ରତାପକେଶରୀ ସାହୁ, ଶିକ୍ଷାବିତ୍ ତଥା ଅଧକ୍ଷ ନବକିଶୋର ପ୍ରଧାନ, ପ୍ରଫେସର ପ୍ରଦୀପ ପାତ୍ର ପ୍ରମୁଖ ସମାଜର ବିଭିନ୍ନ କ୍ଷେତ୍ରର ପଦପଦବୀରେ କାର୍ଯ୍ୟରତ। ଚଳିତବର୍ଷ ଏହି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି।

# ଲକ୍ଷ୍ମୀଧର ନୋଡାଲ ବିଦ୍ୟାପୀଠ

## ହରିପୁର ଶାସନ, ଚିଳିକା



ବିଶ୍ୱ ହାତ ଧୋଇବା ଦିବସ ପାଳନ ଅବସରରେ।



ବିଜ୍ଞାନ ମେଳା ଅବସରରେ ପୁରସ୍କାର ବିତରଣ ।



ସମୂହ ପ୍ରାର୍ଥନା ସଭାରେ ସ୍କୁଲର ଛାତ୍ରୀଛାତ୍ର।

### ସଂକ୍ଷେପରେ

ପ୍ରତିଷ୍ଠା–୧୯୮୨
ଶ୍ରେଣୀ–ଷଷ୍ଠରୁ ଦଶମ
ଛାତ୍ରୀଛାତ୍ର: ୫୪୫
ଶିକ୍ଷକ ଶିକ୍ଷୟିତ୍ରୀ: ୨୦
ଭାଷା: ଓଡିଆ, ହିନ୍ଦୀ, ସଂସ୍କୃତ, ଇଂଲିଶ



ସୁରେନ୍ଦ୍ର କୁମାର ଦାଶ
(ପ୍ରଧାନ ଶିକ୍ଷକ)

### ମେଧାବୃତ୍ତି ପ୍ରାପ୍ତ ଛାତ୍ରୀଛାତ୍ର

ଆଶୁତୋଷ ପରିଡା, ଦୀପକ କୁମାର ପ୍ରଧାନ, ପ୍ରଶାନ୍ତ ବେହେରା, ଶୁଭଶ୍ରୀ ବେହେରା, ଚନ୍ଦନ କୁମାର ଦଳେଇ ଓ ସତ୍ୟବ୍ରତ ଜେନା ଜାତୀୟ ଅର୍ଥ ଭିତ୍ତିକ ମେଧାବୃତ୍ତିରେ ସଫଳତା ପାଇଥିବା ବେଳେ ପଠାଣି ସାମନ୍ତ ମେଧାବୃତ୍ତିରେ ସତ୍ୟବ୍ରତ ଜେନା ଓ ସ୍ୱରୂପଶେଖର ଜେନା ସଫଳତା ପାଇଛନ୍ତି।

### ପ୍ରତିଭା

**ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ (୯ମ):** ୪ଥର ଜିଲାସ୍ତରୀୟ ୧୦୦ମିଟର ଦୌଡ଼ରେ ଚାମ୍ପିୟନ ଏବଂ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଫାଇନାଲରେ ଯୋଗଦେଇଛନ୍ତି। ଖେଳପଡ଼ିଆରେ ସ୍କୁଲଛୁଟି ପରେ ଦୌଡ଼ିବା ଅଭ୍ୟାସ ଜାରି ରଖିଛନ୍ତି ଏବଂ ସେ ପଠାଣି ସାମନ୍ତ ମେଧାବୃତ୍ତି ମଧ୍ୟ ପାଇଛନ୍ତି।

**ସ୍ୱରୂପଶେଖର ଜେନା (୭ମ):** ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗଦେବା ସହ 'ସ୍ୱପ୍ନର ଓଡ଼ିଶା' ବକ୍ତୃତାରେ ଜିଲାସ୍ତରରେ ପ୍ରଥମ ହୋଇଛନ୍ତି।

**ରୁଦ୍ରପ୍ରସାଦ ବଳବନ୍ତରାୟ(୧୦ମ):** ଜିଲାସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ପ୍ରତିଦିନ ସ୍କୁଲ ଖେଳ ସମୟରେ କବାଡ଼ି ଖେଳିଥାନ୍ତି।

**ସତ୍ୟବ୍ରତ ଜେନା (୧୦ମ):** ରାଜ୍ୟସ୍ତରୀୟ ବିଜ୍ଞାନମେଳାରେ ଭାଗନେଇ ଜଳ ଓ ପବନର ଉପଯୋଗିତା ଉପରେ ନୂଆ ମଡେଲ ପ୍ରଦର୍ଶନ କରିଥିଲେ।



ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ



ସତ୍ୟବ୍ରତ ଜେନା



ଶୁଭଶ୍ରୀ ପ୍ରିୟଦର୍ଶିନୀ



ସ୍ୱରୂପଶେଖର ଜେନା



ରୁଦ୍ରପ୍ରସାଦ ବଳବନ୍ତରାୟ

### ଜାତୀୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ


ଫୁଟବଲରେ ପ୍ରସନ୍ନ ବେହେରା, ଆଥ୍ଲେଟିକ୍ସ ରେ ଇପ୍ସିତା ମାର୍ଥା, ଖୋଖୋ ଓ ଆଥ୍ଲେଟିକ୍ସରେ ସୁବ୍ରତ କୁମାର ଭୋଳ ଅଂଶଗ୍ରହଣ କରିଥିଲେ।




ଛାତ୍ରମାନେ ବ୍ୟାୟାମରେ ଅଭ୍ୟାସରତ।


– ରିପୋର୍ଟ: ବନବିହାରୀ ବେହେରା

# ତୁମ ତୁଳୀରୁ


୧



୨


୩


୪



୫



୬


୭


୮


୯


୧୦


୧୧


୧
**ଅକ୍ସାଇନି ସାବତ**
କ୍ଲାସ-୫, ଡିଏଭି ପବ୍ଲିକ୍ ସ୍କୁଲ୍, ୟୁନିଟ୍-୮, ଭୁବନେଶ୍ୱର


୨
**ବିନୟ ପ୍ରଧାନ**
କ୍ଲାସ-୮, ଓଡିଶା ଆଦର୍ଶ ବିଦ୍ୟାଳୟ, କୋଟପାଡ, କୋରାପୁଟ


୩
**ବିଷ୍ଣୁପ୍ରିୟା ସାମଲ**
କ୍ଲାସ-୯, ଶାରଦା ବିଦ୍ୟା ମନ୍ଦିର, ଭଣ୍ଡାରିପୋଖରୀ, ଭଦ୍ରକ


୪
**ଜଗମୋହନ ମହାପାତ୍ର**
କ୍ଲାସ-୭, ଗୋପବନ୍ଧୁ ହାଇସ୍କୁଲ୍, ବେଗୁନିଆ, ଖୋର୍ଦ୍ଧା


୫
**ପ୍ରୀତି ଦେ**
କ୍ଲାସ-୧, ହାଇଟେକ୍ ପବ୍ଲିକ୍ ସ୍କୁଲ୍, ଭୁବନେଶ୍ୱର


୬
**ଶୁଭଶ୍ରୀ ବିଶ୍ୱାଳ**
କ୍ଲାସ-୭, ମହାବୀର ନୋଡାଲ ସ୍କୁଲ, ଯାଜପୁର


୭
**ତୃପ୍ତିରଞ୍ଜନ ବିଶ୍ୱାଳ**
କ୍ଲାସ-୪, ଡିଏଭି ପବ୍ଲିକ୍ ସ୍କୁଲ୍, ଯାଜପୁର ଟାଉନ୍


୮
**ନିର୍ଲିପ୍ତା ପଣ୍ଡା**
କ୍ଲାସ-୫, ଡିଏମ୍ ପବ୍ଲିକ୍ ସ୍କୁଲ୍, ଭୁବନେଶ୍ୱର


୯
**ଶିବାଶିଷ ବାରିକ୍**
କ୍ଲାସ-୯, ଏସ୍‌ବିଡି ଇଣ୍ଟରନ୍ୟାଶନାଲ ସ୍କୁଲ୍, ଭଦ୍ରକ


୧୦
**ନୈମିଷ କାର୍ତ୍ତିକ୍ ନାୟକ,** କ୍ଲାସ-୧, ବିକାଶ ଫାଷ୍ଟ ଷ୍ଟେପ୍ ସ୍କୁଲ୍, ବରଗଡ


୧୧
**ମେଧାଶ୍ରୀ ପଟ୍ଟନାୟକ,**
କ୍ଲାସ-୩, ସେଣ୍ଟ ଜାଭିୟର ହାଇସ୍କୁଲ୍, ଆଠଗଡ

## କ ବି ତା

### ମାଟିଆ ମାଟିଆ

ମାଟିର ରଙ୍ଗକୁ ଦେହରେ ବୋଳି
ମାଟିଆ ହୋଇଛି କୋକିଶିଆଳି
ମାଟିଆ ଚିଲ
ଶୁଭ ନେଉଳ
ଆହୁରି ମାଟିଆ ସପେଟା ଫଳ।
ପରିବା ଭିତରେ ଆଳୁକୁ ଦେଖ
ମାଟିଆ ରଙ୍ଗର ତାହା ପରଖ
ମାଟିଆ ଶଶା
ଗାତୁଆ ମୂଷା
ମାଟି ଖୋଳି କରେ ଗାତରେ ବସା।
ମାଟିଆ ଦେହରେ ବାଇଚଢ଼େଇ
ମାଟିଆ ଦୋଳିରେ ସିଏ ଝୁଲଇ
ବିଲୁଆନନା
ଗୋଧି ଭାଇନା
ସବୁରି ଦେହରେ ମାଟିଆ କନା।
ମାଟିଆ ପୋଷାକେ ପୋଲିସବାଲା
ଦେଶ ସେବା କରେ ନ କରିହେଳା
ଡାକବାଲା ସେ
ମାଟିଆ ବେଶେ
ଘର ଘର ବୁଲି ଚିଠି ପରଷେ।
ମାଟିଆ ପଣତେ ଜନମଭୂଇଁ
ବିପଦେ ଆପଦେ ଜନମଭୂଇଁ
ବିପଦେ ଆପଦେ ସାହା ହୁଅଇ
ପାଳଇ ମୋତେ
ମାଆ କି ସତେ
ତୁଳନା ନାହିଁ ତା' ସାରା ଜଗତେ ।

–କବିତା କାନୁନଗୋ
ପୋଖରୀପୁଟ, ଭୁବନେଶ୍ୱର
ମୋ: ୯୪୩୭୬୯୪୧୪୫

## ତୁମ ପାଇଁ



ମେଘ ବରଷୁଛି ଝିପିଝିପି
କାଦୁଅରେ ଗୋଡ଼ ଖସିଯିବ ପରା
ବାଟ ଚାଲ ପାଦ ଚିପିଚିପି ।

ବରଷାରେ ଭିଜି ବୁଲ ନାହିଁ
ଥଣ୍ଡା ଜ୍ୱର ହେଲେ ହରକତ ହେବେ
ବାପା ମାଆ ଦିହେଁ ତୁମ ପାଇଁ।

ଖେଳିବାକୁ ଯଦି ମନ ହୁଏ
ପାଣିର ସୁଅରେ ଭସାଅ ଖୁସିରେ
କାଗଜରେ କରି ଡଙ୍ଗାଟିଏ ।

ମେଘୁଆ ପାଗରେ ଘରେ ବସି
ମୁଢ଼ି ବାରମଜା ପାଟିରେ ପକାଇ
ନୂଆ ବହି ପାଠ ଦିଅ ଘୋଷି।

–ରତ୍ନପ୍ରଭା ବାଇ
ବଉଳଛକ, ତାଳଚେର ଟାଉନ୍, ଅନୁଗୋଳ

## ଗିନିକ୍ ୱାର୍ଲ୍ଡ ରେକର୍ଡ

### ସବୁଠୁ ଲମ୍ବା ରାଇଫଲ

ଫିଲ୍ମ ର ବିଭିନ୍ନ ଆକ୍ସନ ସିକ୍ୱେନ୍ସରେ ହିରୋ ଓ ଭିଲେନମାନେ ରାଇଫଲ ବ୍ୟବହାର କରୁଥିବାର ଆମେ ଦେଖିଛେ। ତେବେ ଜାଣି ଆଶ୍ଚର୍ଯ୍ୟ ହେବ, ପୃଥିବୀର ସବୁଠାରୁ ଲମ୍ବା ରାଇଫଲ ଭାବେ ଗିନିଜ ୱାର୍ଲ୍ଡ ରେକର୍ଡସ୍ ରେ ସ୍ଥାନ ପାଇଛି ୩୩ ଫୁଟ ୪ ଇଞ୍ଚ ଲମ୍ବ ବିଶିଷ୍ଟ ଏକ ରାଇଫଲ। କେବଳ ସେତିକି ନୁହେଁ ଏହି ରାଇଫଲଟି ବ୍ୟବହାର ଉପଯୋଗୀ ମଧ୍ୟ। ଯୁକ୍ତରାଷ୍ଟ୍ର ଆମେରିକାର ଜେମ୍ସ୍ ଏ ଡିକେନ ନାମକ ଜଣେ ବ୍ୟକ୍ତି ଏହି ରାଇଫଲକୁ ନିର୍ମାଣ କରିଥିଲେ। ୨୦୦୮ ମସିହାରେ ଏହାକୁ ଗିନିଜ ୱାର୍ଲ୍ଡ ରେକର୍ଡସ୍ ଅନ୍ତର୍ଭୁକ୍ତ କରାଯାଇଥିଲା।




## ପ୍ରସିଦ୍ଧ ପୁସ୍ତକ ଏବଂ ଲେଖକ

- ଆଇନ୍–ଇ ଆକବରି– ଅବୁଲ୍ ଫାଜଲ
- ମିଡ୍ ସମର ନାଇଟ୍ସ ଡ୍ରିମ୍– ୱିଲିୟମ୍ ସେକ୍ସପିୟର
- ଡିସ୍କଭରି ଅଫ୍ ଇଣ୍ଡିଆ– ଜବାହରଲାଲ ନେହେରୁ
- ଗୋଦାନ– ମୁନ୍ସି ପ୍ରେମଚାନ୍ଦ
- ଗୀତାଞ୍ଜଳି– ରବୀନ୍ଦ୍ରନାଥ ଟାଗୋର
- ଲଜ୍ଜା– ତସଲିମା ନସରିନ
- ମେଘଦୂତ– କାଳିଦାସ
- ପଦ୍ମାବତ୍– ମଲ୍ଲିକ ମହମ୍ମଦ ଜୟାସି
- ପଞ୍ଚତନ୍ତ୍ର– ବିଷ୍ଣୁ ଶର୍ମା
- ପଥେର ପାଞ୍ଚାଲି– ବିଭୂତି ଭୂଷଣ ବନ୍ଦ୍ୟୋପାଧ୍ୟାୟ
- ରାମଚରିତ ମାନସ– ତୁଳସୀଦାସ

## ତୁମ ପଢ଼ିବା ପାଇଁ

**ମୋ ଆଶା :** ତ୍ରୟମାସିକ ଶିଶୁ କିଶୋର ପତ୍ରିକା 'ମୋ ଆଶା'ରେ ରହିଛି ଗୁରୁ ଓ ଚେଲା, କ୍ଷମା କାହିଁକି, ରଥ ଯାତରା,ଆଳୁ ବନାମ ସାରୁ, ନୂଆଖାଇ, ବରଷା, ପରଜାପତି, ମାମୁଁଘର, ତୁମ ପରି ଛୋଟ ପିଲାଟିଏ ଭଳି ଅନେକ ଶିକ୍ଷଣୀୟ ଗଳ୍ପ ଓ କବିତା। ସୁମନ୍ତ ମହାରଣାଙ୍କ ସମ୍ପାଦିତ ଏହି ପତ୍ରିକାର ମୂଲ୍ୟ ରହିଛି ୧୫ ଟଙ୍କା। ଯୋଗାଯୋଗ ଠିକଣା : ମୋ ଆଶା, ଲିଟିଲ୍ ଷ୍ଟାର ଗ୍ରୁପ୍, ପାଟପୁର, ନିମାପଡା, ପୁରୀ।




## ଏଥରର // ପ୍ରଶ୍ନ ?

- 'ଏଲ୍ ବି ଡବ୍ଲୁ' କେଉଁ ଖେଳ ସହ ସଂପୃକ୍ତ ?
- 'ପେନାଲ୍ଟି କିକ୍' ଶବ୍ଦ କେଉଁ ଖେଳରେ ବ୍ୟବହାର କରାଯାଏ ?
- 'ରିବାଉଣ୍ଡ' ଶବ୍ଦଟି କେଉଁ ଖେଳରେ ବ୍ୟବହାର କରାଯାଏ ?
- 'ଚେକ୍ ମେଟ୍' କେଉଁ ଖେଳ ସହ ସଂପୃକ୍ତ ?
- 'ସଟଲ କକ୍'କେଉଁ ଖେଳରେ ବ୍ୟବହାର କରାଯାଇଥାଏ ?
- 'ବୁଲ୍ସ୍ ଆଇ'କେଉଁ ଖେଳ ସହ ସଂପୃକ୍ତ ?

## ଆରଥରର ଉତ୍ତର

* ଭାଦ୍ରବ ଶୁକ୍ଳ ଚତୁର୍ଥୀ
* ମୂଷା
* କାର୍ତ୍ତିକ
* ଗଣେଶ
* ପାର୍ବତୀ
* ମହାରାଷ୍ଟ୍ର

## ପାର୍ଥକ୍ୟ ଦର୍ଶାଅ



# ଜଣା ଅଜଣା


✻ **ଭାସ୍କୋଡାଗାମା:** ପର୍ତ୍ତୁଗୀଜ୍ ନାବିକ ଭାସ୍କୋଡାଗାମା ସର୍ବପ୍ରଥମେ ୟୁରୋପରୁ ଭାରତ ଯାଏ ଜଳପଥର ଆବିଷ୍କାର କରିଥିଲେ।



✻ **ବାସ୍କେଟବଲ:** ମାତ୍ର ୩୦ ବର୍ଷ ବୟସରେ ଜେମ୍ସ ନାଇସ୍ମିଥ ୧୮୯୧ ମସିହାରେ ବାସ୍କେଟବଲ ଉଦ୍ଭାବନ କରିଥିଲେ।




✻ **ଜିରାଫ:** ଜିରାଫଙ୍କ ବୟସ ସେମାନଙ୍କ ଦେହରେ ଥିବା ପଟା ଚିହ୍ନରୁ ଅନୁମାନ କରାଯାଏ। ପଟା ଚିହ୍ନ ଯେତେ ଗାଢ ହୋଇଥାଏ ଜିରାଫଟି ସେତେ ବୟସ୍କ ବୋଲି ଜଣାଯାଏ।



# ମୃତ୍ୟୁବେଳେ ମସ୍ତିଷ୍କରେ କ'ଣ ହୁଏ

ସ୍ମିତା ନାୟକ




ମୃତ୍ୟୁ ସମୟରେ ମସ୍ତିଷ୍କରେ କ'ଣ ହୋଇଥାଏ ? କାହା ପାଖରେ ଏହି ବିଷୟରେ ଠିକ୍ ତଥ୍ୟ ନାହିଁ। ବୈଜ୍ଞାନିକମାନେ ଗବେଷଣା କରି ଏହି ବିଷୟରେ କିଛି ତଥ୍ୟ ପ୍ରଦାନ କରିଛନ୍ତି।

ଏ ସମ୍ପର୍କରେ କେତେକ ବୈଜ୍ଞାନିକ ଅଧ୍ୟୟନ କରିଥିଲେ। ଫଳରେ ମୃତ୍ୟୁର ତନ୍ତ୍ରିକା ବିଜ୍ଞାନ (ସ୍ନାୟୁ ବିଜ୍ଞାନ) ସମ୍ବନ୍ଧରେ ଅନେକ ରୋଚକ ତଥ୍ୟ ମିଳିଛି। ଏହି ଅଧ୍ୟୟନ ବର୍ଲିନ୍‌ର ଚେରିଟ୍ ୟୁନିଭରସିଟି ଏବଂ ଓହାୟୋ ୟୁନିଭରସିଟିର ବୈଜ୍ଞାନିକମାନେ ଜେନ୍ସ ଡ୍ରେୟରଙ୍କ ତତ୍ତ୍ୱାବଧାନରେ କରିଥିଲେ। ତା' ପୂର୍ବରୁ ସେମାନେ କେତେକ ରୁଗ୍ଣ ବ୍ୟକ୍ତିଙ୍କ ମସ୍ତିଷ୍କର ସ୍ନାୟୁଗୁଡ଼ିକ ଉପରେ ଗବେଷଣା କରିଥିଲେ। ସେମାନେ ସେହି ବ୍ୟକ୍ତି ବିଶେଷଙ୍କ ପରିବାରଠାରୁ ଅନୁମତି ନେଇଥିଲେ। ସେହି ଲୋକମାନେ ସଡ଼କ ଦୁର୍ଘଟଣାରେ ଗୁରୁତର, ଷ୍ଟ୍ରୋକ୍ ଏବଂ କାର୍ଡିଆକ୍ ଆରେଷ୍ଟର ଶିକାର ହୋଇଥିଲେ। ବୈଜ୍ଞାନିକମାନେ ଜାଣିବାକୁ ପାଇଥିଲେ ଯେ ମନୁଷ୍ୟ ଓ ପ୍ରାଣୀ ଉଭୟଙ୍କ ମସ୍ତିଷ୍କ ମୃତ୍ୟୁବେଳେ ସମାନ ଢଙ୍ଗରେ କାମ କରିଥା'ନ୍ତି। ତତ୍‌ସହିତ ଏପରି ଏକ ସମୟ ଆସେ, ମସ୍ତିଷ୍କର କାର୍ଯ୍ୟକାରିତାର ପୁନଃସ୍ଥାପନ ହୋଇପାରିବ।

ଏହି ଗବେଷଣାର ଅନ୍ତିମ ଲକ୍ଷ୍ୟ ଥିଲା, ଜୀବନର ଅନ୍ତିମ କ୍ଷଣରେ କିପରି ମୃତ୍ୟୁରୁ ରକ୍ଷା କରାଯାଇପାରିବ। ବୈଜ୍ଞାନିକମାନଙ୍କ ଗବେଷଣା ପୂର୍ବରୁ ଆମେ ବ୍ରେନ୍ ଡେଥ୍ ସମ୍ପର୍କରେ ଯେତିକି ଜାଣିଥିଲେ ଗବେଷଣା ପରେ ମିଳିଥିବା ବହୁ ତଥ୍ୟ ପ୍ରାଣୀଙ୍କ ଉପରେ କରାଯାଇଥିବା ପ୍ରୟୋଗରୁ ମିଳିଥାଏ।

ଆମେ ଜାଣିଛେ ଯେ, ମୃତ୍ୟୁବେଳେ ଶରୀରରେ ରକ୍ତର ପ୍ରବାହ ବନ୍ଦ ହୋଇଯାଏ। ତେଣୁ ମସ୍ତିଷ୍କରେ ଅକ୍ସିଜେନ୍‌ର ଅଭାବ ହୋଇଥାଏ। ସେରେବ୍ରାଲ୍ ଇସ୍କିମୟା ନାମକ ଏହି ସ୍ଥିତିରେ ଜରୁରୀ ରାସାୟନିକ ପଦାର୍ଥ କମ୍ ହୋଇଯାଏ ଏବଂ ମସ୍ତିଷ୍କରେ ଇଲେକ୍ଟ୍ରିକାଲ୍ କାର୍ଯ୍ୟକାରିତା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଏ। ଏହା ଧୀରେଧୀରେ ପ୍ରସାରିତ ହୋଇ ସମ୍ପୂର୍ଣ୍ଣ ମସ୍ତିଷ୍କରେ ଏହି ଅବସ୍ଥା ହୋଇଯାଏ। ଏହାକୁ ଅନ୍‌ଡିସ୍ପ୍ଲଡ୍ ଡିପ୍ରେସନ୍ କୁହାଯାଏ। ଏହାର ପରିସ୍ଥିତିକୁ ଡିପୋଲାରାଇଜେସନ୍ ଅପ୍ ଡିଫ୍ୟୁଜନ୍ କୁହାଯାଏ, ଯାହାକୁ ସାଧାରଣ ଭାଷାରେ ସେରେବ୍ରାଲ୍ ସୁନାମି କହନ୍ତି। ଇଲେକ୍ଟ୍ରୋକେମିକାଲ୍ ବାଲାନ୍ସ କାରଣରୁ ମସ୍ତିଷ୍କର କୋଷିକାଗୁଡ଼ିକ ନଷ୍ଟ ହୋଇଯାଏ, ଯଦ୍ୱାରା ଥର୍ମାଲ୍ ଏନର୍ଜି ବାହାରେ। ଏହାପରେ ବ୍ୟକ୍ତିର ମୃତ୍ୟୁ ହୋଇଥାଏ। ପରନ୍ତୁ ଅଧ୍ୟୟନରୁ ଜଣାପଡ଼ିଛି ଯେ, ମୃତ୍ୟୁ ଆଜି ଯେତେ ଅଟଳ, ଭବିଷ୍ୟତରେ ମଧ୍ୟ ସେପରି ରହିବ ତାହା ଜରୁରୀ ନାହିଁ। ଜେନ୍ସ ଡ୍ରେୟର କହିଛନ୍ତି, ଏକ୍ସପେନ୍‌ସିଭ୍ ଡିପୋଲାରାଇଜେସନ୍ ଦ୍ୱାରା କୋଷିକାଗୁଡ଼ିକରେ ପରିବର୍ତ୍ତନ ଆରମ୍ଭ ହୋଇଥାଏ ଏବଂ ମୃତ୍ୟୁ ଘଟିଥାଏ। ପରନ୍ତୁ ଡିପୋଲାଇଜେସନ୍‌ର ଉର୍ଜାର ଅଭାବକୁ ପୂରଣ କରି ସ୍ଥିତି ପରିବର୍ତ୍ତନ କରାଯାଇପାରେ। ଡ୍ରେୟରଙ୍କ ମତରେ ମୃତ୍ୟୁ ସମୟରେ ମସ୍ତିଷ୍କରେ କ'ଣ ହୁଏ, ଏହା ଏକ ପ୍ରହେଳିକା ଅଟେ। ଏହା ବିଷୟରେ ଆହୁରି ଅନୁସନ୍ଧାନ ଜରୁରୀ।

– ଭଞ୍ଜନଗର, ଗଞ୍ଜାମ



✻ **ପରକ୍ୟୁପାଇନ ମାଛ:** ଭାରତ ମହାସାଗର, ପ୍ରଶାନ୍ତ ମହାସାଗର ଏବଂ ଆଟଲାଣ୍ଟିକ ମହାସାଗରରେ ଦେଖାଯାଉଥିବା ପରକ୍ୟୁପାଇନ ମାଛ ବିପଦସଙ୍କେତ ପାଇବା ମାତ୍ରେ ନିଜ ଶରୀରକୁ ଫୁଲାଇ ଦେଇଥାଏ।

✻ **ସୂର୍ଯ୍ୟକିରଣ:** ସୂର୍ଯ୍ୟକିରଣ ପୃଥିବୀ ଉପରେ ପଡିବା ପାଇଁ ମାତ୍ର ୮ ମିନିଟ୍ ୨୦ ସେକେଣ୍ଡ ସମୟ ଲାଗିଥାଏ।



# ଆଇନା



ଅନୁଷ୍କା
(୮ବର୍ଷ)



ଯୋଗମାୟା
(୬ବର୍ଷ)



ପ୍ରତୀକ୍ଷା
(୮ବର୍ଷ)